# କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ

## କୋଣାର୍କ, ପୁରୀ ।

ପତ୍ରାଙ୍କ ସଂଖ୍ୟା....1036.... / ତାରିଖ...23.03.2026

## ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ପରିଷଦଙ୍କ ତରଫରୁ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଯଥା ତା.୦୧.୦୪.୨୦୨୬ରିଖ ଠାରୁ ତା.୩୧.୦୩.୨୦୨୭ରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଦୁଇଚକିଆ ଯାନ ପାର୍କିଂ ଫି ଆଦାୟ ଯଥା ମୋଟର ସାଇକେଲ, ସ୍କୁଟର ଇତ୍ୟାଦି (ଚନ୍ଦ୍ରଭାଗା ଗୋଲେଇ ଛକ ସମ୍ମୁଖସ୍ଥ ଓ ସୂର୍ଯ୍ୟମନ୍ଦିର ସମ୍ମୁଖସ୍ଥ ରାସ୍ତା ପାର୍ଶ୍ୱ)ରୁ ନିଲାମ କରାଯିବ । ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ନିର୍ଦ୍ଧାରିତ ଫର୍ମ **nackonark.in** ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ଉକ୍ତ ଫର୍ମକୁ ଉପରୋକ୍ତ ସାଇଟ୍‌ରୁ ଡାଉନ୍‌ଲୋଡ଼ କରି ତା.୨୪.୦୩.୨୦୨୬ରିଖ ଦିବା ଘ.୧୨.୦୦ମି. ଠାରୁ ତା.୩୦.୦୩.୨୦୨୬ରିଖ ଓ ସମୟ ଦିବା ଘ.୧.୦୦ମି. ପର୍ଯ୍ୟନ୍ତ ପରିଷଦ କାର୍ଯ୍ୟାଳୟରେ ଥିବା ସୂଚୀତ ନିଲାମ ବାକ୍ସରେ ଜଉମୁଦ ଲଫାପାରେ ଉକ୍ତ ଟେଣ୍ଡର ପେପର ସହିତ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ/ଦଲିଲ୍ ଓ ଦେୟ ଦେଇ ବ୍ୟକ୍ତିଗତ ହାଜର ହୋଇ କିମ୍ବା ପୋଷ୍ଟାଲ/କୋରିଆର ସର୍ଭିସ୍ ମାଧ୍ୟମରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ ଦେଇ ନିଲାମରେ ଭାଗ ନେଇପାରିବେ । ଉକ୍ତ ନିଲାମ ଟେଣ୍ଡର ପେପର ଓ ଆବଶ୍ୟକୀୟ କାଗଜାତ୍ ତା.୩୦.୦୩.୨୦୨୬ରିଖ ଓ ସମୟ ଅପରାହ୍ନ ଘ.୪.୦୦ମି.ରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ନିଲାମରେ ଭାଗ ନେଇଥିବା ବ୍ୟକ୍ତି କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ ।

ନିଲାମ ସମ୍ପର୍କୀୟ ସମସ୍ତ ସର୍ତ୍ତାବଳୀ ଓ ଦେୟ ଟେଣ୍ଡର ଫର୍ମରେ ସୂଚୀତ କରାଯାଇଅଛି । ଅଭିଜ୍ଞତା ଥିବା ଏବଂ ଏକକାଳୀନ ସର୍ବାଧିକ ନିଲାମ ମୂଲ୍ୟ ପ୍ରଦାନକରୁଥିବା ବ୍ୟକ୍ତିବିଶେଷ / ଅନୁଷ୍ଠାନଙ୍କୁ ଅଗ୍ରାଧିକାର ଦିଆଯିବ । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଟେଣ୍ଡର ପେପର କୌଣସିମତେ ଗ୍ରହଣ କରାଯିବନାହିଁ ।

ନଗରପାଳଙ୍କ ଆଦେଶ ମତେ

(ସ୍ୱାକ୍ଷରିତ) 23.03.26
ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ

ଉପପତ୍ର ନଂ. 1037 / ତା. 23/୦୩/୨୦୨୬ରିଖ

ଏହାର ଏକକିତା ନକଲ ଅନୁଶାସନ ସଚିବ, ଗୃହ ଓ ପୌର ଉନ୍ନୟନ ବିଭାଗ, ଭୁବନେଶ୍ୱର / ଅତିରିକ୍ତ ଜିଲ୍ଲାପାଳ, ପୁରୀ / ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡ଼ା, ପୁରୀଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷରିତ) 23.03.26
ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ

ଉପପତ୍ର ନଂ. 1038 / ତା. 23/୦୩/୨୦୨୬ରିଖ

ଏହାର ଏକକିତା ନକଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକ / ତହସିଲଦାର, ଗୋପ-କୋଣାର୍କ / ପର୍ଯ୍ୟଟନ ଅଧିକାରୀ, କୋଣାର୍କ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋପଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷରିତ) 23.03.26
ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ

ଉପପତ୍ର ନଂ. 1039 / ତା. 23/୦୩/୨୦୨୬ରିଖ

ଏହାର ଏକକିତା ନକଲ e-District Manager, Puri (https://puri.odisha.gov.in) ୱେବ୍‌ସାଇଡ୍‌ରେ ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷରିତ) 23.03.26
ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ

ଉପପତ୍ର ନଂ. 1040 / ତା. 23/୦୩/୨୦୨୬ରିଖ

ଏହାର ଏକକିତା ନକଲ ଉପ-ନିର୍ଦ୍ଦେଶକ, ସୂଚନା ଓ ପ୍ରସାରଣ ବିଭାଗ, ଭୁବନେଶ୍ୱର / ପୁରୀଙ୍କ ସଦୟ ଅବଗତି ଓ ଏକଦିନ ପାଇଁ ୨ଗୋଟି ଓଡ଼ିଆ ଦୈନିକ ଖବରକାଗଜ ଓ ୧ଗୋଟି ଇଂରାଜୀ ଦୈନିକ ଖବରକାଗଜରେ ତା.୨୪.୦୩.୨୦୨୬ରିଖ ସୁଦ୍ଧା ପ୍ରକାଶନ ନିମନ୍ତେ ଅନୁରୋଧ କରାଗଲା ।

(ସ୍ୱାକ୍ଷରିତ) 23.03.26
ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ

ଉପପତ୍ର ନଂ. 1041 / ତା. 23/୦୩/୨୦୨୬ରିଖ

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ, କୋଣାର୍କ ଥାନା, କୋଣାର୍କଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷରିତ) 23.03.26
ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ